# Akashvani, Sambalpur

## SAMBALPURI NEWS EVENING BULLETIN

**27 February 2025- 7.02 pm- 7.12 pm.**

*********************************************

୧- ମହାକୁମ୍ଭ ମେଳାଥି ଫି’ ବର୍ଗର୍ ଲୋକ୍ ସାମିଲ୍ ହେଇକରି ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍ ଭାବ୍‌ନାକେ ଫଟିକ୍ କରିଛନ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ପୁରୀ ନ ଆଏବା କାଏଲ୍ ମୁଲ୍ ହେବା ଜାତୀୟ ସ୍ୱାସ୍ଥ୍ୟ ଶିଖର୍ ସମ୍ମିଳନୀ ।

- ଉଦ୍‌ଘାଟନ୍ କର୍‌ବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ।

୩- ବାଲେଶ୍ୱର୍ ଚାନ୍ଦିପୁର୍‌ରୁ ପହେଲା ନାଭାଲ୍ ଏଂଟିସିପ୍ କ୍ଷେପଣାସ୍ତ୍ରର୍ ସଫଲ୍ ପରୀକ୍ଷଣ୍ ।

ଆଉର୍

୪- ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଜର୍ଜ ଟେଲିଗ୍ରାପ୍, କୋଲ୍‌କାତା ଆଉ ସେଂଟ୍ ଜର୍ଜ ସ୍ପୋର୍ଟସ୍ କ୍ଲବ୍, କେରଲ୍ ଭିତ୍‌ରେ ଇହାଦେ ଚାଲିଛେ ଖେଲ୍ ।

ପ୍ରଧାନ୍‌ମନ୍ତ୍ରୀ-ମହାକୁମ୍ଭ ଏନ୍‌ଏସ୍‌ଡି

ମହାକୁମ୍ଭ ମେଲାଥି ସମାଜ୍‌ର ଫି’ ବର୍ଗର୍ ଲୁକେ ସାମିଲ୍ ହେଇକରି ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍‌ର ଭାବ୍‌ନାକେ ଫଟିକ୍ କରିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ମହାକୁମ୍ଭ ସମିଆଥି ଶହେ ୪୦ କୋଟି ଦେଶ୍‌ବାସୀଙ୍କର୍ ଆସ୍ଥା ସମ୍‌କୁ ଅଭିଭୂତ କରିଛେ । ମହାକୁମ୍ଭ ମେଲାକେ ଏକତାର୍ ମହାଯଜ୍ଞ ବଲି କହିକରି ପ୍ରଧାନ୍‌ମନ୍ତ୍ରୀ ଇତାର୍ ଜରିଏ ଦେଶ୍ ନିଜର୍ ଐତିହ୍ୟକେ ନେଇକରି ଗର୍ବ କରୁଛେ ଆଉ ନୂଆଁ ଉସ୍‌ନାକି ସହେତେ ଆଗ୍‌କେ ବଢୁଛେ ବଲି କହିଛନ୍ । ମେଲାଥି ଶ୍ରଦ୍ଧାଳୁମାନ୍‌କର୍ ଆସ୍‌ବାର୍‌ଟା ଖାଲି ଗୁଟେ ରେକର୍ଡ୍ ନୁହେଁ, ଭାରତୀୟ ସଂସ୍କୃତି ଆର୍ ଐତିହ୍ୟକେ ବହୁତ୍ ଶତାବ୍ଦୀତକ୍ ସମୃଦ୍ଧ ରଖିବାର୍ ଲାଗି ନିହି ହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ମହାକୁମ୍ଭର୍ ସଫଲ୍ ଆୟୋଜନ୍ ଲାଗି ପ୍ରଧାନ୍‌ମନ୍ତ୍ରୀ ସନ୍ତୋଷ୍ ଦେଖାବାର୍ ସହେତେ ସବୁ ଅଂଶୀଦାର୍‌ମାନ୍‌କୁ ସେମାନ୍‌କର୍ କଠିନ୍ ପରିଶ୍ରମ୍, ଚେରେଷ୍ଟା ଆର୍ ଦୃଢ଼ ସଂକଳ୍ପ ଲାଗି ପ୍ରଶଂସା କରିଛନ୍ ।

ମହାକୁମ୍ଭ- ଅଶ୍ୱିନୀ ବୈଷ୍ଣବ୍ ଏନ୍‌ଏସ୍‌ଡି

ମହାକୁମ୍ଭ ମେଳା ଅବ୍‌ସରେ ରେଲ୍‌ବାଇ ତର୍‌ଫୁ ନିଆଯାଇଥିବା ପଦକ୍ଷେପ୍ ମାନ୍‌କର୍ ଉପ୍‌ରେ ଆଲୋଚନା କର୍‌ବାର୍ ସହେତେ ରେଲ୍‌ବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, ବିଭାଗୀୟ ଅଧିକାରୀ ଆର୍ କର୍ମଚାରୀମାନ୍‌କର୍ ପ୍ରଶଂସା କରିଛନ୍ । ପ୍ରୟାଗ୍‌ରାଜ୍ ଜଙ୍କ୍‌ସନ୍ ନ ପୁହୁଁଚିକରି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଆଏଜ୍ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ କଥାବାର୍ତା କରିଥିଲେ । ମହାକୁମ୍ଭର ଆୟୋଜନ୍ ଭାରତୀୟ ସଂସ୍କୃତି ଆଉ ସାମାଜିକ୍ ସମାନତାର୍ ପ୍ରତୀକ୍ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ । ମହାକୁମ୍ଭ ମେଳାକେ ସଫଲତାର୍ ସହେତେ ଆୟୋଜନ୍ କରିଥିବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜନାବାର୍ ସହେତେ ଉତର୍‌ପ୍ରଦେଶ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କର୍ ପ୍ରଶଂସା କରିଛନ୍ । ମହାକୁମ୍ଭ ଲାଗି ୧୬ ହଜାର୍‌ନୁ ଅଏତ୍‌କା ଟ୍ରେନ୍ ଚଲାଚଲ୍ କରିଥିଲା । ପ୍ରୟାଗ୍‌ରାଜ୍‌ନୁ ସାଢ଼େ ୪ କୋଟିନୁ ଅଏତ୍‌କା ଯାତ୍ରୀ ଇ ସମିଆଥି ଟ୍ରେନ୍‌ଥି ଯା'ଆସ୍ କରିଛନ୍ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ସୂଚ୍‌ନା ଦେଇଛନ୍ । ମହାକୁମ୍ଭ ଲାଗି ୨୧ ଟାନୁ ଅଏତ୍‌କା ଫ୍ଲାଏ୍‌ଓଭର୍ ଆର୍ ଅଣ୍ଡର୍‌ପାସ୍ ତିଆର୍ କରାଯାଇଥିଲା ବଲି ସେ କହିଛନ୍ ।

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ଇନ ଜନେଇ ଦିଆଯାଇପାରେ ଯେ, ଗଲାମାସ ୧୩ ତାରିଖ୍‌ନୁ ମୁଲ୍ ହେଇଥିବା ମହାକୁମ୍ଭ ମେଳା ଗଲାକାଏଲ୍ ମହାଶିବରାତ୍ରୀ ଅବ୍‌ସରେ ଉଦ୍‌ଯାପିତ୍ ହେଇଯାଇଛେ ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ-ଜାତୀୟ ସମ୍ମିଳନୀ/ଆର୍‌ଏନ୍‌ୟୁ ସମ୍ବଲପୁର

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ତର୍‌ଫୁ ଆଏବାକାଏଲ୍ ପୁରୀ ନ ୯ ନମ୍ବର୍ ଜାତୀୟ ଶିଖର୍ ସମ୍ମିଳନୀ ହେବା । ୩ ଦିନ୍ ଧରିକରି ହେବାର୍‌କେ ଥିବା ଇ ସମ୍ମିଳନୀଥି ଜନସ୍ୱାସ୍ଥ୍ୟସେବାଥି କରାଯିବାର୍‌କେ ଥିବା ବ୍ୟବସ୍ଥା ଆର୍ ନୂଆଁ ଉଭାବନ୍ ବାବ୍‌ଦେ ଆଲୋଚନା ହେବା । ସେନ୍ତା ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ଉପ୍‌ରେ ଭିଲ୍ ସମ୍ମିଳନୀଥି ସମୀକ୍ଷା କରାଯିବା । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମ୍ମିଳନୀକେ ଉଦ୍‌ଘାଟନ୍ କର୍‌ବେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇ ସମ୍ମିଳନୀଥି ଉପସ୍ଥିତ୍ ରହେବେ ।

ଇଥିର୍‌ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା ଆଏଜ୍ ବେଲ୍‌ବୁଡ଼େ ୨ ଦିନିଆ ଓଡ଼ିଶା ଗସ୍ତଥି ଭୁବ୍‌ନେଶ୍ୱର୍ ପୁହୁଁଚୁଛନ୍ । ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ବିମାନ୍ ବନ୍ଦର୍ ନ ପୁହୁଁଚିବାର୍

ଉତ୍ରୁ ସେ ପୁରୀ ଯାଇକରି କୋଣାର୍କ ଇକୋ ରିଜର୍ଟ ନ ରହେବେ । ଆଏବା କାଏଲ୍ ଉପର୍ବେଲା ପୁରୀ ଶ୍ରୀମନ୍ଦିର୍ ନ ତାକର୍ ଶ୍ରୀଜୀଉଙ୍କୁ ଦର୍ଶନ୍ କର୍ବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି I&PR

ଭୁବ୍ନେଶ୍ୱର୍ ୟୁନିଟ୍-୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ନ ଆଏବା ୩ ତାରିଖ୍ ସୋମ୍ବାର୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାଧାରଣ୍ ଲୁକ୍କର୍ ଭିନ୍ ଭିନ୍ ଅଭିଯୋଗ୍ର ଶୁଣାଣି କର୍ବେ । ଅଭିଯୋଗ୍ ମାନ୍କର୍ ଶୁଣାଣି ଲାଗି ଅନ୍ଲାଇନ୍ ପଞ୍ଜିକରଣ୍ ଆଏବା କାଏଲ୍ ଦିନର୍ ୧୧ ବଜେନୁ ମୁଲ୍ ହେବା ଆଉ ହଜାରେ ଝନ୍ ଇଥି ପଞ୍ଜିକରଣ୍ କରିପାର୍ବେ । ଇଥିର୍ଲାଗି ଆଗ୍ରହୀ ଜନସାଧାରଣ୍ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ନାହେତ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍ବେ । ଲୁକେ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ସହେତେ ନିର୍ଦ୍ଧାରିତ୍ ସମିଆଥି ଉପସ୍ଥିତ୍ ରହିକରି ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ୍

ଜନେଇପାର୍‌ବେ । ଇ ବାବ୍‌ଦେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମିଶନ୍ ଶକ୍ତି ମେଳା        ପୁରୀ ସମ୍ବାଦଦାତା

ମହିଳାମାନ୍‌କୁ ଆତ୍ମନିର୍ଭରଶୀଳ କର୍‌ବାର୍ ଉଦ୍ଦେଶ୍‌ଥି ମିଶନ୍‌ଶକ୍ତି ବିଭାଗ୍ ତର୍‌ଫୁ ପୁରୀ ତାଳବଣିଆ ପଡ଼ିଆଠାନେ ଜିଲ୍ଲା ମିଶନ୍ ଶକ୍ତି ମେଳା ଆଏବା କାଏଲ୍‌ନୁ ମୁଲ୍ ହେବା । ଇ ମେଳା ମାର୍ଚ୍ଚ ୬ ତାରିଖ୍‌ତକ୍ ଚାଲ୍‌ବା । ମେଳାଥି ଶହେ ୫୦ ଟା ଷ୍ଟଲ୍‌ର ବ୍ୟବସ୍ଥା ହେଇଛେ । ଯେନ୍‌ଥି ହସ୍ତଶିଳ୍ପ, ମିଲେଟ୍, ଜୈବିକ୍ ଉତ୍ପାଦ୍ ମାନ୍‌କର୍ ପ୍ରଦର୍ଶନୀ ଆର୍ ବିକ୍ରି କରାଯିବା । ମେଳାକେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଫି’ ଦିନ ଦିନର୍ ୧୧ ବଜେନୁ ରାତିର୍ ୧୦ ବଜେତକ୍ ମେଳା ଚାଲ୍‌ବା ବଲି ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଫି’ ଦିନ ସଞ୍ଜ୍‌ବେଲେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ର ଭିଲ୍ ବ୍ୟବସ୍ଥା କରାଯାଇଛେ ।

କିଶୋରୀ କିଶୋର ସମାବେଶ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ଆଏଜ୍‌ଠାନୁ ୨ ଦିନିଆ ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ୍ ମୁଲ୍ ହେଇଛେ । ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଆୟୋଜିତ କାର୍ଯ୍ୟକ୍ରମ୍‌ର ପହେଲା ଦିନେ କିଶୋରୀ କିଶୋର୍ ମାନ୍‌କୁ ନେଇକରି ଭିନ୍ ଭିନ୍ ପ୍ରତିଯୋଗିତା ଆୟୋଜନ୍ କରାଯାଇଛେ ।

ଆଏବା କାଏଲ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସଖାଲ୍‌ବେଲା ସମାବେଶ୍‌ର ଯୋଗ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେବେ । ଇତାରସହେତେ ପୁରସ୍କାର୍ ବିତରଣୀ କାର୍ଯ୍ୟକ୍ରମ୍‌ଥି ଶ୍ରୀମତୀ ପରିଡ଼ା ଯୋଗ୍ ଦେଇକରି କିଶୋର କିଶୋରୀମାନ୍‌କୁ ଉତ୍ସାହିତ୍ କର୍‌ବେ । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ନାଭାଲ୍ ଏଂଟିସିପ୍ କ୍ଷେପଣାସ୍ତ୍ର ଆର୍‌ଏନ୍‌ୟୁ/ କଟକ୍

ପ୍ରତିରକ୍ଷା ଗବେଷଣା ଉନ୍ନୟନ୍ ସଂସ୍ଥାନ୍- ଡିଆର୍‌ଡିଓ ଆର୍ ଭାରତୀୟ ନୌସେନା ତର୍‌ଫୁ ବାଲେଶ୍ୱର୍ ଚାନ୍ଦିପୁର୍ ନ ଏକିକୃତ ପରୀକ୍ଷଣ କେନ୍ଦ୍ର ନ ଦେଶର୍ ପହେଲା ନାଭାଲ୍

ଏଂଟିସିପ୍ କ୍ଷେପଣାସ୍ତ୍ରର୍ ସଫଲ୍ ପରୀକ୍ଷଣ୍ କରାଯାଇଛେ । ଶତ୍ରୁପକ୍ଷର୍ ଜାହାଜ୍‌କେ ଲକ୍ଷ୍ୟଭେଦ୍ କର୍‌ବାର୍ ଦକ୍ଷତା ଥିବାର୍ ଇ କ୍ଷେପଣାସ୍ତ୍ର ଭାରତୀୟ ନୌସେନାର୍ ସନ୍ଧାନୀ ହେଲିକେପ୍ଟର୍‌ନୁ ଗଲାକାଏଲ୍ ପରୀକ୍ଷା କରାଯାଇଥିଲା । ଦେଶେ ତିଆର୍ ହେଇଥିବା ଇମେଜିଂ ଇନ୍‌ଫ୍ରାରେଡ୍ ଶିକର୍ କୌଶଲ୍‌କେ ବେଭାର୍ କରାଯାଇକରି ଇ ପରୀକ୍ଷଣ୍ କରାଯାଇଛେ । ଇତାର୍ ସଫଲ୍ ପରୀକ୍ଷଣ୍ ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଡିଆର୍‌ଡିଓ ଆର୍ ଭାରତୀୟ ନୌସେନାକେ ପ୍ରଶଂସା କରିଛନ୍ । ଇ କ୍ଷେପଣାସ୍ତ୍ର ଭାରତୀୟ ନୌସେନାଥି ସାମିଲ୍ ହେବାର୍ ଉତ୍‌ରୁ ନୌସେନାର୍ କ୍ଷମତା ବଢ଼୍‌ବା ବଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ ।

ଆଚାର୍ଯ୍ୟ ହରିହର ଦାସ୍ ଜୟନ୍ତୀ            ଆର୍‌ଏନ୍‌ୟୁ/ସମ୍ବଲପୁର

ଆଚାର୍ଯ୍ୟ ହରିହର ଦାସ୍‌ଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ଆଏଜ୍ ଭୁବ୍‌ନେଶ୍ୱର୍ ନ ପାଲିତ୍ ହେଉଛେ । ଇ ଅବ୍‌ସରେ ଆଚାର୍ଯ୍ୟ ବିହାର୍ ଠାନେ ଥିବା ତାଙ୍କର୍ ପ୍ରତିମୂର୍ତିଥି ସଖାଲ୍‌ବେଲା ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ୍ କରିଛନ୍ । ଇ ଅବ୍‌ସରେ

ଜୟଦେବ୍ ଭବନ୍ ନ ଗୁଟେ ସାଧାରଣ୍ ସଭାର ଆୟୋଜନ୍ କରାଯାଇଛେ ।

ଆଚାର୍ଯ୍ୟ ହରିହର୍ ଦାସ୍ଙ୍କର୍ ଜୟନ୍ତୀ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ସାମାଜିକ୍ ଗଣମାଧମ୍ ଜରିଏ କହିଛନ୍, ସ୍ୱାଧୀନତା ସଂଗ୍ରାମ୍ ଶିକ୍ଷା, ସୁସ୍ଥ ସମାଜ୍ ଗଠନ୍ ସହେତେ ଭୂଦାନ୍ ଆନ୍ଦୋଲନ୍‌ଥି ଆଚାର୍ଯ୍ୟ ହରିହରଙ୍କର୍ ଅବଦାନ୍ ସବୁବେଲେ ସୋର୍ ରହେବା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଆଚାର୍ଯ୍ୟ ହରିହର ଦାସ୍ଙ୍କୁ ସୁର୍‌ତା କରିକରି ତାଙ୍କର୍ ଜୟନ୍ତୀ ଅବ୍ସରେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ପ୍ରାଣୀ- ମାହାଲିଆ ଚିକିତ୍ସା ହି.ସ.

ପ୍ରାଣୀମାନ୍‌କର୍ ମାହାଲିଆ ଚିକିତ୍ସା ସୁବିଧା ଆଏବା ୧ ତାରିଖ୍‌ନୁ ମୁଲ୍ ହେବା ବଲି ମତ୍ସ୍ୟ ଆଉ ପଶୁସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ । ରାଜ୍ୟର୍ ଲୁକ୍‌କର୍ ଅନୁରୋଧ୍‌କେ ସମ୍ମାନ୍ ଜନେଇକେରି ସର୍‌କାର୍ ଇ ପଦକ୍ଷେପ୍ ନେଇଛନ୍ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ । ଗାଏ, ବଲଦ୍, ମଇଁଷି, ଛେଲ୍ ମାନ୍‌କର୍ ଚିକିତ୍ସା ଆଉ ଟୀକାକରଣ୍ ଉପ୍‌ରୁ ୟୁଜର୍ସ ଫି' କେ ଛାଡ୍ କରାଯାଇଛେ । ମାହାଲିଆ

ସାର୍ବଜନୀନ ପ୍ରାଣୀ ଚିକିତ୍ସା ଆଉ ପ୍ରାଣୀସମ୍ପଦ୍‌ର ସୁରକ୍ଷା ଉପ୍‌ରେ ଜୋର୍ ଦେଇକରି ସର୍‌କାର୍ ଇ ନିଷ୍ପତି ନେଇଛନ୍ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

ବିକଶିତ୍ ଭାରତ୍- ବିକଶିତ୍ ଓଡ଼ିଶା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଟାଉନ୍‌ହଲ୍ ଠାନେ ବିକଶିତ୍ ଭାରତ୍- ବିକଶିତ୍ ଓଡ଼ିଶା ଲାଗି କେନ୍ଦ୍ର ଆଉ ରାଜ୍ୟ ବଜେଟ୍ ଉପ୍‌ରେ ଗୁଟେ ବୁଦ୍ଧିଜୀବୀ ସମ୍ମିଲନୀ ହେଇଯାଇଛେ । ସମ୍ମିଲନୀଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ରାଜ୍ୟର୍ ଉନ୍ନତି, ନୂଆଁ ପଦକ୍ଷେପ୍ ଆର୍ ଆଏବା ଯୋଜ୍‌ନା ମାନ୍‌କର୍ ବାବ୍‌ଦେ ଆଲୋଚନା କରିଥିଲେ ।

ବିଜ୍ଞାନ୍ ଆଉ ଗଣିତ ମେଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ନାଏକ୍‌ପଡ଼ା ଠାନେ ବିଜ୍ଞାନ୍ ଆଉ ଗଣିତ ମେଳା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗ୍ ଦେଇକରି ଜୀବନ୍ ଆଉ ପାଠ୍‌ପଢ଼ାଥି ଗଣିତ ଆଉ ବିଜ୍ଞାନ୍‌ର ଗୁରୁତ୍ୱ ବାବ୍‌ଦେ

ଆଲୋଚନା କରିଥିଲେ । ଭିନ୍ ଭିନ୍ ସ୍କୁଲ୍ର ଶହେ ନୁ ଅଏତ୍କା ଛାତ୍ରଛାତ୍ରୀ ଇ ମେଳାଥି ଯୋଗ୍ ଦେଇଥିଲେ ।

୬୪ ଯୋଗୀନୀ ମହୋତ୍ସବ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ର ଐତିହାସିକ୍ ରାଣୀପୁର୍ ଝରିଆଲ୍ ନ ୬୪ ଯୋଗୀନୀ ମହୋତ୍ସବ୍ ଉଦ୍ଘାଟିତ୍ ହେଇଯାଇଛେ । ଉଦ୍ଘାଟନୀ ସଞ୍ଜେ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ତରଫୁ ଅଘୋରୀ, ଆର୍ ଢାପ୍ ନାଚ୍ ପ୍ରସ୍ତୁତ୍ କରାଯାଇଥିଲା ।

ବୌଦ୍ଧ-ସେବା ମହୋତ୍ସବ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ବ୍ଲକ୍ ତିଲେଶ୍ୱର୍ ବୁରୁଗୁଡ଼ା ଠାନେ ଚାଲିଥିବା ୭ ଦିନିଆ ସେବା ମହୋତ୍ସବ୍ ଆଏଜ୍ ଉଦ୍ଯାପିତ୍ ହେଇଛେ । ଉଦ୍ଯାପିନୀ ସମାରୋହଥି ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ୍ ଆଉ ସର୍କାରୀ ଦଲ୍ ମୁଖ୍ୟ ସଚେତକ୍ ଶରତ୍ ପ୍ରଧାନ୍ ଆର୍ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଭିଲ୍ ଯୋଗ୍ ଦେଇଥିଲେ । ସେବା ମହୋତ୍ସବ୍ଥି ଗଛ୍ ଲଗା,

ଗୋସେବା, ରକ୍ତଦାନ୍ ଶିବିର୍, ଚକ୍ଷୁ ଚିକିତ୍ସା ଶିବିର୍, ସାଧାରଣ୍ ଲୁକ୍‌କୁ ପଣା ବାଂଟ୍‌ବାର୍, ମାହାଲିଆ ସ୍ୱାସ୍ଥ୍ୟମେଳା କରାଯିବାର୍ ସହେତେ ଅସହାୟ ଲୁକ୍‌କୁ ସେବା କିଟ୍ ଦିଆଯାଇଥିଲା ।

ନୂଆପଡ଼ା-କର୍ମଶାଳା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବ୍ଲକ୍ ସମ୍ମିଳନୀ କକ୍ଷ ଠାନେ ଲିଙ୍ଗଭେଦ ଆର୍ ମହିଳାମାନ୍‌କୁ ନେଇକରି ଦିନ୍‌କିଆ କର୍ମଶାଳା ହେଇଯାଇଛେ । ସର୍‌କାର୍‌ଙ୍କର୍ ସେବା ଯୋଜ୍‌ନାର୍ ତୃଣମୂଳ ସ୍ତର୍ ନ କର୍ମଚାରୀମାନ୍‌କର୍ ଦାୟିତ୍ୱବୋଧ ଜରିଏ ସମ୍ଭବ ହେବା ବଲି ବୈଠକ୍‌ଥି ଆଲୋଚନା ହେଇଛେ ।

ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ ଆର୍‌ଏନ୍‌ୟୁ/ସମ୍ବଲପୁର

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ୪ ନମ୍ବର୍ ଦିନେ ଜର୍ଜ ଟେଲିଗ୍ରାଫ୍, କୋଲ୍‌କାତା ଆର୍ ସେଂଟ୍ ଜର୍ଜ ସ୍ପୋର୍ଟସ୍ କ୍ଲବ୍, କେରଲ୍ ଭିତ୍‌ରେ ଇହାଦେ ମେଚ୍ ଚାଲିଛେ । ସମ୍ବାଦ୍

ଲେଖାହେବାର୍‌ତକ୍‌ ଖେଲ୍‌ଥି କେହି କାହାକେ ଗୋଲ୍‌ ଦେଇ ନୁହେଁପାରନ୍‌ ।

ଆଏବାକାଏଲ୍‌ ପହେଲା ସେମିଫାଇନାଲ୍‌ ମେଚ୍‌ ସମଲେଶ୍ୱରୀ ସ୍ପୋର୍ଟିଙ୍ଗ୍‌, ସମ୍ବଲ୍‌ପୁର୍‌ ଆର୍‌ ଶ୍ରୀନିଧି ଡେକନ୍ସ, ହାଇଦ୍ରାବାଦ୍‌ ଭିତ୍‌ରେ ଖେଲ୍‌ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨ ଦିନ୍‌ତକ୍‌ ତାପମାତ୍ରାଥି ବିଶେଷ୍‌ କିଛି ପରିବର୍ତନ୍‌ ନାଇଁନ । ହେଲେ ଇତାର୍‌ଉତ୍‌ରୁ ତାପମାତ୍ରା ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍‌ତକ୍‌ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍‌ ଆଂଚଲିକ୍‌ ପାଣିପାଗ୍‌ ବିଜ୍ଞାନ୍‌ କେନ୍ଦ୍ର ଅନୁମାନ୍‌ କରିଛେ ।

ଆଏଜ୍‌ ରାଜ୍ୟର୍‌ ସବୁନୁ ଜହ ତାତି ୩୬ ଡିଗ୍ରୀ ସେଲ୍‌ସିଅସ୍‌ ବଲାଙ୍ଗିର୍‌, ବୌଦ୍ଧ ନ ରେକର୍ଡ଼ କରାଯାଇଥିଲା । ସେନ୍ତା ୧୫ଟା ସହର୍‌ର ଦିନର୍‌ ତାପମାତ୍ରା ୩୪ ଡିଗ୍ରୀ ଉପ୍‌ରେ ରହିଥିଲା ।